ବର୍ଷ-୨୫, ସଂଖ୍ୟା-୧୯୧
ଭୁବନେଶ୍ୱର
୧୮, ଜୁଲାଇ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 191
Bhubaneswar
18, July, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ପୁଣି ଥରେ ମା' ହେବେ କରାନୀ

# ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ନିଖୋଜ ଥିବା ମାନସିକ ରୋଗୀ ଫେରିଲେ ନିଜ ଘରକୁ



ଆସିକା(ମହାଭାରତ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନମ୍ବର ୧୨ ବାସିନ୍ଦା ଏସ ମଞ୍ଜୁ ଦୀର୍ଘ ଦିନ ଧରି କେଉଁଆଡେ ନିଖୋଜ ହୋଇଯାଇଥିଲେ। ଶେଷରେ ଦେଶର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଲ୍ ଏମ ଏଚ ଚେନ୍ନାଇ ସ୍ୱେଚ୍ଛାସେବୀ ସଂଗଠନ ଅତି ଦୟନୀୟ ଭାବେ ରାସ୍ତା କଡ଼ରୁ ଉଠାଇଆଣି ଡାକ୍ତରଙ୍କଦ୍ୱାରା ଉନ୍ନତ ଉଚ୍ଚମାନର ଚିକିତ୍ସା କରି ସେ ସୁସ୍ଥ ହେବାପରେ ତାଙ୍କ ପରିବାର ଠିକଣା ପାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପାଇ ମହାରାଷ୍ଟ୍ର ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧା ରିହାବିଲେସନ ଫାଉଣ୍ଡେସନ କୁ ହସ୍ତାନ୍ତର କରିଥିଲେ। ଶ୍ରଦ୍ଧା ରିହାବିଲେସନ ଫାଉଣ୍ଡେସନ କର୍ମୀ ପୂଜା ହେନା ତାଙ୍କୁ ସାଙ୍ଗରେ ଆଣି ଆସିକା ଗଣପଲ୍ଲୀରେ ତାଙ୍କ ନିଜ ଘରେ ପୁଅ ଏସ କିରଣ ଓ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏସ ମଞ୍ଜୁ ଫେରିପାଇଁ ପରିବାର ଲୋକ ଓ ସାହି ପଡିଶା ଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।